# କେନ୍ଦ୍ର ସାହିତ୍ୟ ଅକାଦେମୀର ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର

କଟକ, ୨୨।୨(ଆ.ପ୍ର.) : ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ସାହିତ୍ୟ ଅକାଦେମୀ ଆନୁକୂଲ୍ୟରେ ଏକ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର ୱେବସିରିଜ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। 'ଉପେନ୍ଦ୍ରଭଞ୍ଜଙ୍କ ସାହିତ୍ୟରେ ସୌନ୍ଦର୍ଯ୍ୟବୋଧ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ। ପ୍ରାଚୀନ ଓ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଆଲୋଚକ ଡ. ପ୍ରଦୀପ୍ତ କୁମାର ପଣ୍ଡା, ଡ. ସରୋଜ କୁମାର ନନ୍ଦ ଓ ଡ. ସୁରେଶ ଚନ୍ଦ୍ର ପଣ୍ଡା ମତ ଉପସ୍ଥାପନ କରି ଭଞ୍ଜ ସାହିତ୍ୟର ସୌନ୍ଦର୍ଯ୍ୟବୋଧକୁ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ଅକାଦେମୀର କଲିକତା ଶାଖା ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

CS CamScanner

# ଉପେନ୍ଦ୍ର ଭଞ୍ଜଙ୍କ ଉପରେ ଅନ୍‌ଲାଇନ୍ ଆଲୋଚନା

ଭଞ୍ଜନଗର,୨୧।୭(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ପ୍ରଥମଥର ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ମଙ୍ଗଳବାର 'କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ସାହିତ୍ୟରେ ସୌନ୍ଦର୍ଯ୍ୟବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନ୍‌ଲାଇନ୍ ଯୋଗେ ଆୟୋଜିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶ୍‌ଙ୍କ ଆବାହକତ୍ୱରେ ହୋଇଥିବା ଏହି ଆଲୋଚନାଚକ୍ରରେ ବିଶିଷ୍ଟ ପ୍ରାବନ୍ଧିକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ଼. ବିଜୟାନନ୍ଦ ସିଂହ, ଡ଼. ପ୍ରଦୀପ୍ତ କୁମାର ପଣ୍ଡା, ଡ଼. ସୁରେଶ ଚନ୍ଦ୍ର ପଣ୍ଡା, ସରୋଜ କୁମାର ନନ୍ଦ ଆଲୋଚକ ଭାବେ ଯୋଗଦେଇ ରସ, ଅଳଙ୍କାର ଯୁକ୍ତ ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟିରେ ସୌନ୍ଦର୍ଯ୍ୟବୋଧର ଦୃଷ୍ଟାନ୍ତ ଦେଇ ଆଲୋଚନା କରିଥିଲେ। ପ୍ରଥମଥର ପାଇଁ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଭଞ୍ଜମାଟି ପ୍ରତି ଏହା ଏକ ସମ୍ମାନ।



ଭିଡିଓ କନ୍‌ଫେରେନ୍ସରେ ଆଲୋଚନା ଚାଲିଛି।

# କେନ୍ଦ୍ର ସାହିତ୍ୟ ଏକାଡେମୀର ଭଞ୍ଜ ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର

କଟକ,୨୧।୩(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ କର୍ତ୍ତୃକ ୱେବ୍‌ସିରିଜ୍‌ରେ 'ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ସୌନ୍ଦର୍ଯ୍ୟ ବୋଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ୍ ପ୍ଲାଟଫର୍ମରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଚୀନ ଓ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଆଲୋଚକ ଡ. ପ୍ରଦୀପ୍ତ କୁମାର ପଣ୍ଡା, ଡ. ସରୋଜ କୁମାର ନନ୍ଦ ଓ ଡ. ସୁରେଶ ଚନ୍ଦ୍ର ପଣ୍ଡା ଭଞ୍ଜ ସାହିତ୍ୟର ସୌନ୍ଦର୍ଯ୍ୟବୋଧକୁ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ଏକାଡେମୀର କୋଲକତା ଶାଖାର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସୂଚନା ଥାଉ କି, ଲକ୍‌ଡାଉନ୍ କଟକଣା କାରଣରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୱେବିନାର ଜରିଆରେ ବିଭିନ୍ନ ଗଳ୍ପ ପାଠ, କବିତା ପାଠୋତ୍ସବ, ଆଲୋଚନାଚକ୍ର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଭଂଜ ସାହିତ୍ୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୧।୭(ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ପକ୍ଷରୁ 'ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ସୌନ୍ଦର୍ଯ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ.ବିଜୟାନନ୍ଦ ସିଂହ ଏହି ୱେବିନାରର ଆବାହକତ୍ୱ ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଚୀନ ଓ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଆଲୋଚକ ଡ.ପ୍ରଦୀପ କୁମାର ପଣ୍ଡା, ଡ.ସରୋଜ କୁମାର ନନ୍ଦ ଓ ଡ.ସୁରେଶ ଚନ୍ଦ୍ର ପଣ୍ଡା ଭଞ୍ଜ ସାହିତ୍ୟର ସୌନ୍ଦର୍ଯ୍ୟବୋଧ ବାବଦରେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ଅକାଦେମିର କୋଲକାତା ଶାଖା ଆଞ୍ଚଳିକ ସଚିବ ଡ.ଦେବେନ୍ଦ୍ର କୁମାର ଦେବେଶ ଆଲୋଚନାଚକ୍ରର ସଂଯୋଜନା କରିଥିଲେ।